ଇଷ୍ଟର୍ଣ୍ଣ ମଡ଼ର୍ଣ୍ଣ ଲିମଟେଡ୍

ଘଘଲ ଘଘଲ ଘୁଁ

ଦାଶ ବେନହୁର

Digitized by srujanika@gmail.com

କଥା ପଦେ:

ପିଲାମାନଙ୍କୁ ଗପ ଯେମିତି ଭଲ ଲାଗେ, ଗୀତ ବି ସେମିତି ଭଲ ଲାଗେ। ହେଲେ, ଗପ ଶୁଣିବାକୁ ବା ପଢ଼ିବାକୁ ଭଲଲାଗେ ସିନା, ଗୀତ କିନ୍ତୁ ନିଜେ ସ୍ୱର କରି ଗାଇବାକୁ ଭଲଲାଗେ। ଏମିତି ପିଲା କିଏ ସଂସାରରେ ଅଛି, ଯାହାକୁ ଗୀତ ଭଲ ଲାଗେନି ?

ଯାହାକୁ ଯେମିତି ଗାଇ ଆସେ, ସେମିତି ଗାଇ ସବୁ ପିଲା ଆନନ୍ଦ ପାଆନ୍ତି। ତେଣୁ କୁହାଯାଏ—

ଆସୁ ନ ଆସୁ ଗାଇବ ଗୀତ,
ଗୀତ ସାଥୀରେ ବସିବ ମିତ।

ମିଠେଇ ଖାଇଦେଲେ ତାର ମିଠା ସରିଯାଏ। ମାତ୍ର ଗୀତର ମିଠା କେବେ ସରେନା। ଏଥିରେ ଥିବା ଗୀତ ଗୁଡ଼ିକ ପିଲାମାନଙ୍କୁ ମିଠା ଲାଗିଲେ ମତେ ବଡ଼ ଆନନ୍ଦ ମିଳିବ।

ଲେଖକ

Digitized by srujanika@gmail.com

ପପଲ ପପଲ ପୁଁ

ଲେଖକ:
ଦାଶ ବେନହୁର

ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍,
ଭୁବନେଶ୍ୱର

Digitized by srujanika@gmail.com

ପପଲ ପପଲ ପୁଁ

ଲେଖକ:

ଦାଶ ବେନହୁର

ପ୍ରକାଶକ:

ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍
ଏ–୬୨, ନୂଆପଲ୍ଲୀ, ଭୁବନେଶ୍ୱର–୭୫୧୦୦୩

ମୁଦ୍ରାକର:

ଉତ୍କଳ ସମ୍ବାଦ ପ୍ରକାଶନ (ପ୍ରା.) ଲିଃ
ଏ–୬୨, ନୂଆପଲ୍ଲୀ
ଭୁବନେଶ୍ୱର–୩

ପ୍ରଚ୍ଛଦ ଏବଂ ଅଳଙ୍କରଣ:
ଛନ୍ଦାଚରଣ ଆଚାର୍ଯ୍ୟ

ସ୍ୱତ୍ୱ:
ଜୟନ୍ତୀ ଦାଶ
ଜେ.ଜେ. ପବ୍ଲିକେଶନ୍ସ, ଭୁବନେଶ୍ୱର

ମୂଲ୍ୟ:୭.୦୦

ପ୍ରଥମ ସଂସ୍କରଣ: ୧୯୮୯

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧. ଆ' ଆରେ ଘୁଡ୍ଡୁରୁ ଆଆ	୫
୨. କ୍ଷୁଟକି ଭାଲୁ	୭
୩. ସକାଳୁ ସକାଳୁ	୯
୪. କୁନାର ଛବି	୧୧
୫. ଗୋଟିଏ ଥିଲା ଯେ ବାଣୁଆ	୧୩
୬. ପହିଲି ପଣସ କଠା	୧୫
୭. ଚାଲି ଦୁମୁଦୁମୁ	୧୭
୮. ବଗ ଢୁଳଉଚି ପୋଖରୀ କୂଳେ	୧୯
୯. ବଙ୍କାର ଏକଡ଼େ	୨୧
୧୦. ଟିକି ଫୁଲଟି	୨୩
୧୧. କୁନା ହୁଏ ଟରଟର	୨୫
୧୨. କାଳିଆ ରାଉତ	୨୭
୧୩. ବାଇଲ ପାଟୁ	୨୯
୧୪. ଆବୁଲୁ ପାବୁଲୁ	୩୧
୧୫. ମୂଷା, ବିଲେଇ, କୁକୁର	୩୩
୧୬. ପପଲ୍ଲଃଯପଲ ପୁଁ	୩୫
୧୭. ରଙ୍ଗ ବେରଙ୍ଗ	୩୭
୧୮. ଢୁକୁଢୁ ଢୁଢୁ	୩୯
୧୯. ଦଶଟି ମାଙ୍କଡ଼ ଦଶ ଲାଙ୍ଗୁଡ଼	୪୧
୨୦. ଟକଡ଼ ଟଡ଼	୪୩

Digitized by srujanika@gmail.com

Digitized by srujanika@gmail.com

ଆ' ଆରେ ଘୁଡୁରୁ ଆ ଆ

ସକାଳ ଆଉଚି ଖସଡ଼ି,
ଅନ୍ଧାର ଯାଉଚି ଭୁଷୁଡ଼ି ,
ଆ' ଆରେ ସକାଳ ଆ ଆ....
କୁନିଆଁ ଆଖିରୁ ଯେତେ ଗାଢ଼ ନିଦ,
ଉଭେଇ ଦେଇ ତୁ ଯାଆ..... ।୧।

ଫିରିକି ପରିକା ପବନ,
ଫିଡ଼ିକେ ଏଥାନୁ ସେଥାନ,
ଆ' ଆରେ ପବନ ଆ ଆ.....
କୁନିଆଁ ଦିହରୁ ଯେତେ ଧୂଳିମଳି
ଝଡ଼େଇ ନେଇ ତୁ ଯାଆ....।୨।

ବରଷା ପଡୁଛି ଟପର,
ଶବଦ ଶୁଭୁଛି ଠପର,
ଆ' ଆରେ ବରଷା ଆ ଆ....
କୁନିଆ ଗାଆଁରେ ଯେତେ ନଣ୍ଡ ନାଳ
ଭରେଇ ଦେଇ ତୁ ଯାଆ....।୩।

ହେଇରେ ରକେଟ ଉଡୁଛି,
ମେଘରେ ବାଗୁଡ଼ି ଖେଳୁଚି,
ଆ' ଆରେ ରକେଟ ଆ ଆ....
କୁନିଆ ଗାଁର ଯେତେ ସବୁ ପିଲା
ବୁଲେଇ ନେଇତୁ ଯାଆ....।୪।

ଚମକ ଗାଡ଼ିରେ ଘାଗୁଡ଼ି,
ଘୁଡୁରୁ ମଥାରେ ପଗଡ଼ି,
ଆ' ଆରେ ଘୁଡୁରୁ ଆ ଆ....
କୁନିଆଁ ଗାଆଁରେ ଯେତେ ମଶାମାଛି
ଉଡ଼େଇ ନେଇତୁ ଯାଆ.....।୫।

Digitized by srujanika@gmail.com

Digitized by srujanika@gmail.com

ଭୁତ କି ଭାଲୁ



ଭୂତ କି ଭାଲୁ,
ପାଆଲୁ ପାଲୁ,
ପଟର ଉହାଡ଼େ ଘର ;
ଫଳକି ଫୁଲ,
ଥଅଲ ଥଲ,
ପାଖକୁ ଦିଶଇ ଦୂର ॥୧॥
ମିଛକି ସତ,
ଖଅତ ଖତ,
ଶୁଭଇ ଢଣକ ଢଣ,
ନିଆଁକି ଧୂଆଁ,
ଚଅଁକ ଚିଆଁ,
ଗହୀର ପନ୍ତାର ବଣ ॥୨॥

ନିଆଁ କି ପାଣି,
ଟିଇଣି ଟିଣି,
ପବନ ଖେଳଇ ଖେଳ ;
ଖରାକି ଶୀତ,
ପଅତ ପତ,
ଅନ୍ଧାର ରାତିକି ମେଳ ॥୩॥
ପିଠିକି ପେଟ,
ଖଅଟ ଖଟ,
ଘୁଡୁରୁ ମୁଡୁରୁ ରଡ଼ି,
ଭାତକି ଶାଗ,
ଟଅଗ ବଗ,
ବୋଇତି କଖାରୁ ବଡ଼ି ।୪।
ବୁଢ଼ୀ କି ବୁଢ଼ା,
ଧଅଡ଼ ଧଡ଼ା,
ମଥାରେ ବାସନା ତେଲ ;
ବାଟକି ଘାଟ,
ଲଅଟ ପଟ,
ବଗଲା ବଗୁଲୀ ଗେଲ ॥୫॥

Digitized by srujanika@gmail.com

Digitized by srujanika@gmail.com

ସକାଳୁ ସକାଳୁ

ପଧାନ ବୁଢ଼ାର ବାଡ଼ିରେ ଖଡ଼ା,
ଓଲେଇ ହଡ଼ା,
ଧପାଲି ପଶି,
ଫସଲ ଖାଉଚି ,
ସକାଳୁ ଆସି ॥୧॥
ପୋଖରୀ ହୁଡ଼ାରେ ନଡ଼ିଆ ଗଛ,
ପଛକୁ ପଛ,
ହନୁ ବୁଢ଼ାଟା,
ଗୋଟମା ଖସାଏ,
ଗୋଟାକୁ ଗୋଟା ॥୨॥
ଘର ଅଗଣାରେ ଶୁଖୁଚି ବଡ଼ି,
ରତନୀ ଖୁଡ଼ୀ,
ବାଟୁଚି ବିରି,
ପିଠା କରେ ସିଏ,
ଯତନ କରି ॥୩॥
ଗୋହିରି ଦାଣ୍ଡରେ ଶଗଡ଼ ଗୁଳା,
ବାଡ଼ିରେ ଖଳା,
ସକାଳୁ ଏତେ,
ଚଗଲା ବୁଲୁଚି
କେଜାଣି କେତେ ॥୪॥
ଗାଆଁରେ ଆମର ବାମନ ରଥ,
ପେଟରେ ହାତ,
ଏଡ଼ିକି ଚୁଟି,
ଜଣାଣ ଗାଆନ୍ତି
ରାତିରୁ ଉଠି ॥୫॥

Digitized by srujanika@gmail.com

Digitized by srujanika@gmail.com

କୁନାର ଛବି

ଛବି ଗୋଟିଏ ପାଇଁ,
କୁନା ଆମର ଯାଇ,
ଆଣିଲା ରଙ୍ଗ ତୂଳୀ ;
ପହିଲେ ଛବି କାହାର ସିଏ,
ଆଙ୍କିବ ବସେ ଭଳି ॥୧॥



ଭାଲୁ ହରିଣ ବାଘ,
ଶାଗୀ ମୟୂର ବଗ,
କାହାର ଛବି ଭଲ ;
କାହାର ଛବି ଆଙ୍କିଲେ ବାପା,
କରିବେ ତାକୁ ଗେଲ ॥୨॥

ଯେତେ ଭାବିଲା ହାୟ,
କରି ନପାରେ ଥୟ,
ପଶୁରୁ ପକ୍ଷୀ ଯେତେ;
ସବୁଟା ତା'କୁ ଲାଗିଲା ଭିଡ଼,
କରିଲା ଚେଷ୍ଟା କେତେ ॥୩॥

ଶେଷେ ଧରିଲା ତୂଳୀ,
ରଙ୍ଗ ବୁଡ଼ାଇ କାଳି
କରିଲା ଶୂନ ଏକ ;
ତାଆରି ତଳେ ଲେଖିଲା କୁନା,
ମୋଓରି ଛବି ଦେଖ ॥୪॥

Digitized by srujanika@gmail.com

Digitized by srujanika@gmail.com

ଗୋଟିଏ ଥିଲା ଯେ ବାଣୁଆ

ଗୋଟିଏ ଥିଲା ଯେ ବାଣୁଆ
ଦେହଟା ତାହାର ଟାଣୁଆ ॥୧॥

ତା ଆଖି ଦୁଇଟା ହାଣୁଆ,
ଚାହେଁ ସବୁବେଳେ କଣୁଆଁ ॥୨॥

ରାଗିଗଲେ ସିଏ ଧାନୁଆଁ,
କହିଦେଲେ କଥା ଚିହ୍ନୁଆ ॥୩॥

କାନ୍ଧରେ ବନ୍ଧୁକ ନଳିଆ,
ଅଣ୍ଟାରେ ଛୁରୀଟା ମୁନିଆଁ ॥୪॥

ହୁଏନା କେବେ ସେ ହାଲିଆ,
ଡାକେ କୁକୁରକୁ ଧାଇଁଆ ॥୫॥

ପଶୁପକ୍ଷୀ ଦେଖି ବାଇଆ,
ମାରିମାରି ଜନ୍ତୁ ଥେଇଆ ॥୬॥

ତଥାପି ତା' ମନ ସେଇଆ,
ସେଇଆ ହଉକି ଫେଇଆ ॥୭॥



Digitized by srujanika@gmail.com

Digitized by srujanika@gmail.com

ପହିଲି ପଣସ କଠା

ପହିଲି ପଣସ କଠା,
ମାଟି ପଲମରେ ଚକୁଳି ପିଠା,
ମାମୁଁଘର ପରି ମିଠା ॥୧॥

କଅଁଳ କୋଶଳା ଖଡ଼ା,
ଝାଉଁ ଦଣ୍ଡିକିରୀ ପତର ପୋଡ଼ା,
କ୍ଷୀରୀ ପିଠା ଗଡ଼ଗଡ଼ା ॥୨॥

ଠାକରା ଆମ୍ବୁଲ ରାଇ,
ଛୋଟ ଚିଙ୍ଗୁଡ଼ିକୁ ଡଙ୍କିଆ ପୋଇ,
ଚାଟି ଚୁଟି କରି ଖାଇ ॥୩॥

ଭୁତିଆ ଧାନର ଲିଆ,
ଶୀତ ସକାଳକୁ ମୁଢ଼ିର ମୁଆଁ,
ବୁଢ଼ା କରିଥିବ ଆଁ ଆଁ.... ॥୪॥

ପାଚିଲା ଭଇଁଚ କୋଳି,
ଫୁଟି ତାଳସଜ ଖିରାକୁ ମେଳି,
ଝୁଲୁଥିବ ରଜଦୋଳି ॥୫॥

Digitized by srujanika@gmail.com

Digitized by srujanika@gmail.com

ଚାଲି ଦୁମୁଦୁମୁ

ଚାଲି ଦୁମୁଦୁମୁ ଚହଟ ନିଶ,
ମୁହଁ ତମତମ ବାବୁରି କେଶ
ବେକରେ ପୋହଳା ମାଳ ;
ହାତରେ ଧନୁଶ ଆଖିରେ ନିଆଁ
ରତରଚ ସଞ୍ଜବେଳ ॥୧॥

ପାଣି ଝର ଝର ବରଷା ଝଡ଼ି,
ଓଦା କାଚୁକାଚୁ କଦଳୀ ବାଡ଼ି,
ଶୀତୁଆ ଅନ୍ଧାର ରାତି ;
ଜେଜେମା କୋଳରେ ନିଦୁଆ ନାତି,
ଝୁଲୁଥାଏ ପାଟ ହାତୀ ॥୨॥

ବାଆ ସୁଲୁସୁଲୁ ବତାସ ସାଇଁ,
ହାଣ୍ଡି ଖଡ଼ ଖଡ଼ ମାଠିଆ ଟାଇଁ,
ନିକମା ପେଟରେ ଭୋକ ;
ଏପଟେ ଆଲୁଅ ସେପଟେ ଛାଇ,
ଦିହକରେ ଧକ ଧକ ॥୩॥

ହସ ଖିଲି ଖିଲି ଆଦର ଗେଲ,
କଥା ଫିସି ଫିସି ପୁଚୁକୀ ଗାଲ,
କବାଟ କଡରେ ମୁହଁ ;
ସକାଳୁ ସକାଳୁ ଗହମ ନିଦ,
ପଟା ପୋଲ ପରି ଦିହ ॥୪॥

Digitized by srujanika@gmail.com

Digitized by srujanika@gmail.com

ବଗ ଝୁଲଉଚି ପୋଖରୀ କୂଳେ

ବଗ ଝୁଲଉଚି ପୋଖରୀ କୂଳେ,
ଝାଡ଼ ଜଙ୍ଗଲରେ ବାଘ ହେଣ୍ଡାଳେ ।
ଘରଛାତ ପରେ ଡାମରା କୁଆ,
କିଚିରି ମିଚିରି ଘର ଚଟିଆ ।
କୂଟୁଛୁ ମୂଟୁଛୁ ଟୁଇକୁମୁଣି,
ସାଗୁଆ ଆଖିରେ ଚାହିଁଚି ପୁଣି ।

ଘୋଡ଼ା ଟପ୍‌ଟପ୍ କଦମ ଚାଲି,
ମୟୂର ପୁଛକୁ ଦେଇଚି ମେଲି ।
ପାରା ଘୁମୁରୁଚି ପାଚେରୀ ପରେ,
ରହୁଚି ବିଲୁଆ ନଈପଠାରେ ।
ହାତୀର ଆଖିଟି ବହୁତ ଛୋଟ,
ମରୁଭୂମି ଦେହେ ଚାଲିଚି ଓଟ ।

ଗାଈ ଚାଟୁଅଛି କୁନି ବାଛୁରୀ,
ଗେଣ୍ଡା ବାପୁଡ଼ାର ଚାଲିଟି ଥିରି
ଭଗ୍ନ କାଣ୍ଡପରେ ଛେଳି କୁଆଟି,
କେତେରି ଚାଟୁଚି କାଣ୍ଡରୁ ମାଟି ।
ମାଙ୍କଡ଼ ଡେଇଁଚି ଡାଳରୁ ଡାଳ,
ଖେଳୁଚି ଯେମିତି ବାଗୁଡ଼ି ଖେଳ ।
ପାଣିରେ ଡାହୁକ ଚାହିଁ ବସିଚି,
ସତେବା ବସି ସେ ପାଠ ପଢୁଚି ।

Digitized by srujanika@gmail.com

Digitized by srujanika@gmail.com

ବଜାର ଏ କଡ଼େ

ବଜାର ଏକଡ଼େ ଭୋବନି ସାଉ,
ଦୋକାନ ଦୁଆରେ ହାଉ... ହାଉ ।
ଭୋବନୀ ସାଉର ମିଠା ଦୋକାନ,
ତା' ପଡ଼ିଶା ନିଶୁଆ ଘନ ।

ନିଶୁଆ ଘନର ଗୋଦରା ଗୋଡ଼,
ତା' ପଡ଼ିଶା ନିଧି ଗଉଡ଼ ।
ନିଧି ଗଉଡ଼ର ଧୋବଲି ଗାଈ,
ଅଣ୍ଡିରା ବାଛୁରୀ ଗୋଟିଏ ନାହିଁ ।

ଗୋଟିଏ ବାଛୁରୀ ଆରଟି ଛଡ଼ା,
ତା'ପଡ଼ିଶା ମଦନ ବୁଢ଼ା ।
ମଦନ ବୁଢ଼ାର ପାନବଟୁଆ,
ତା'ପଡ଼ିଶା ଦାମ ଖଟୁଆ ।

ଦାମ ଖଟୁଆ ଟାଣେ ବିଡ଼ି,
ଦୁଆରେ ବସିଚି ସୁଲେଇ ଖୁଡ଼ୀ ।
ସୁଲେଇ ଖୁଡ଼ୀର ବଙ୍କଟେ ଘର,
ତା'ପଡ଼ିଶା ମଧୁ ସୁଆର ।

ମଧୁ ସୁଆର ଗାଏ ଗୀତ,
ଦୋକତା ପାଇଁକି ପତାଏ ହାତ ।
ହାତ ଗୋଡ଼ ତା'ର ନହନହକା,
ତା' ପଡ଼ିଶା ଗୋବରା କକା ।

ଗୋବରା କକାର ଥନ୍ତଲ ପେଟ,
କୁନିଆ କାନ୍ଦୁଚି ହୋଇ ଅଝଟ ।
କାନ୍ଦ ଶୁଣି ଭୁଆ କହେ ମିଆଁଉ,
କୁନି ପୁଅ ଦେଖ କାନ୍ଦୁନି ଆଉ ।

ଉଁ....ଉଁ ଛାଡ଼ି ଚୁପ୍‌ଚାପ୍,
ଅନ୍ଧାର ଖସୁଚି ଟୁପ୍‌ଟାପ୍ ।

Digitized by srujanika@gmail.com

Digitized by srujanika@gmail.com

ଟିକି ଫୁଲଟି

ଟିକି ଫୁଲଟି,
ସକାଳୁ ଉଠି,
ଗାଉଚି ଗୀତ,
ଡାକୁଚି ସତରେ ବସିବ ମିତ ॥୧॥

ଟିକି ବାଛୁରୀ,
ଡିଆଁ ନମାରି,
ଚାହୁଁଚି ଏଣେ,
ଆମରି ଭିତରୁ କାହାକୁ ଜଣେ ॥୨॥

ଟିକି ପିମ୍ପୁଡ଼ି,
ଲଗାଇ ଧାଡ଼ି,
ଚାଲିଚି ତୁନି,
ଲୁଚେଇ ଲୁଚେଇ ଖାଉଚି ଚିନି ॥୩॥

ଟିକି ପୁଅଟି,
ମାରେ ହାକୁଟି,
କହୁଚି କିସ
ପାକୁଆ ପାଟିରେ ଫାଲୁଆ ହସ ॥୪॥

ଟିକି ବୋହୂଟି,
କାଙ୍କରେ ଝୋଟି,
କାଢୁଚି ପାଣି,
ମୁଣ୍ଡରେ ନାଇଚି ମଥାର ମଣି ॥୫॥

ଟିକି ତାରାଟି,
ଆଖି ତରାଟି,
ଠାରୁଚି ହାତ,
ଆସ ଭାଇମାନେ ଗାଇବା ଗୀତ ॥୬॥

ଟିକି ଚଢ଼େଇ,
ଡେଣା ହଲେଇ,
ଯାଉଚି ଉଡ଼ି,
ସୂରୁଜ ସେପଟେ ଯାଉଚି ବୁଡ଼ି ॥୭॥

Digitized by srujanika@gmail.com

Digitized by srujanika@gmail.com

କୁନା ହୁଏ ତରତର

ଦୂରରେ ଇସ୍କୁଲ ଘର ;
ଚଅଟ ଖାଇଲେ ୯ଅଟ ଯିବ,
କୁନା ହୁଏ ତରତର ॥୧॥

ହାତରେ ବୋତଲ ପାଣି;
ରିକ୍ସା ଉପରେ ବାକ୍ସ ବହି,
ଘଣ୍ଟି ବାଜେ ଟିଣିଟିଣି ॥୨॥

ଦିପଟେ ଦୋକାନ ଧାଡ଼ି;
ସେପଟ ଛକରେ ମଣିଷ ଭିଡ଼,
ଗାଡ଼ି ଚାଲେ ଗଡ଼ିଗଡ଼ି ॥୩॥

ଗୋଟାଏ ବାଜିଲେ ଛୁଟି ;
ରାତିକି ଆସିଲେ ଆଣିବେ ବାପା,
କୁନା ପାଇଁ ମିଠାମିଠି ॥୪॥



ଧାଇଁଲେ ଖସିବ ଗୋଡ଼ ;
ଉପର ମହଲା ଏପଟେ ଘର,
ପାଟିକରେ ସଡ଼ ସଡ଼ ॥୫॥

ଉପରୁ ଶୁଭିଲା କିଏ ;
ବାପାଙ୍କ କଥାକୁ କହିଲା କୁନା,
ତୁମ ସୁନା ପୁଅ ଯିଏ ॥୬॥

Digitized by srujanika@gmail.com

Digitized by srujanika@gmail.com

କାଳିଆ ରାଉତ

କାଳିଆ ରାଉତ ଡାମରା କୁଆ,
କିଏ ତୋର ବାପା କିଏ ସେ ମାଆ ॥୧॥

କୋଉଠି ଘରରେ କୋଉ ଠିକଣା,
କୋଉ ଡାକଘର କାହାକୁ ଜଣା ॥୨॥

କେଉଁ ଇସ୍କୁଲ୍‌ରେ ପଢୁଚୁ ତୁହି,
ଖାତା ଫାଟା କାଇଁ କାଇଁରେ ବହି ॥୩॥

କାହା ବରାଦରେ ଭୋଓରୁ ଆସି,
କାଁଆ କାଆ ରାବୁ କାହିଁକି ବସି ॥୪॥

ଡେରିଯାଏଁ ଟିକେ ଶୋଇବା ପାଇଁ,
ତୋ ମନ ହୁଏନା କି ହାଇଁ ପାଇଁ ॥୫॥

ଶୁଣିବା ପାଇଁରେ ଗପକି ଗୀତ,
କୋଉଠିକି ଯାଉ କହିବୁ ସତ ॥୬॥

ଏଇଟା ସେଇଟା କିଣିବା ଲାଗି,
ହୁଏ ଯଦି ମନ କି କରୁ ଭାବି ॥୭॥

ବରଷା ଶୀତରେ କେମିତି ଥାଉ,
ଘରବାଡ଼ି କାଇଁ କେମିତି ରହୁ ॥୮॥

ଆସିବୁ ଥରେ, ଛୁଟି ଦିନରେ,
ବସିବା ଘରେ,
କହିବୁ ତୋ କଥା ଶୁଣିବୁ ଗୀତ;
ସାଥିରେ ମୋହର ବସିବୁ ମିତ ॥ଶେଷ॥

Digitized by srujanika@gmail.com

Digitized by srujanika@gmail.com

ବାଇଲ ପାଟୁ

ପାକୁଟୁ ପାକୁଟୁ
ବାଇଲ ପାଟୁ,
କଳା କିଟି କିଟି ଖରା ;
ଚବର ଚବର
ବାରିକ କ୍ଷୁର,
ବାପ ପୁଅ ଧରା ପରା ।

ଟରକା ଟରକା
କଷରା ଟକା,
ନେଲି କଟ କଟ ଘାସ ;
ପଟାସ୍ ପଟାସ୍
ପାଞ୍ଚଣ ବାଡ଼ି
ଗାଆଁ ସାରା କୋଠଚାଷ ।

ଖୁଇଡ଼ି ଖୁଇଡ଼ି
କାଲୁଣୀ ଖିଡ଼ି,
ନାଲି ହୁଡୁ ହୁଡୁ ରାତି ;
ଫିସିରି ଫିସିରି
ଲୁମିଆଁ କଥା,
ଧଡ଼ପଡ଼ ହୁଏ ଛାତି ।

ସେଢ଼େବେ ସେଢ଼େବେ
ମାଲୁଆ ସେକେ
ଧଳା ଦାଉ ଦାଉ ଦିନ ;
ତିଆରୁ ତିଆରୁ
କଢ଼େଇ ଖାଲି,
ସାନ ବୋହୂ କରେ ମାନ ।

Digitized by srujanika@gmail.com

Digitized by srujanika@gmail.com

ଆନ୍ତୁଲୁ ପାନ୍ତୁଲୁ

ଆନ୍ତୁଲୁ, ପାନ୍ତୁଲୁ,
ଦୁଇଟି ଭାଇ
ମାଛ ମାରିଗଲେ,
ମଠେଇ ନଈ,
ଆନ୍ତୁଲୁ କହିଲା ହେଇରେ ହେଇ ,
ପାନ୍ତୁଲୁ କହିଲା କାଇଁରେ କାଇଁ ,
ମାଛ ପଳେଇଲା ମୁହଁ ଦେଖେଇ ॥୧॥

ଆନ୍ତୁଲୁ ପାନ୍ତୁଲୁ
ଦୁଇ ହାକିମ
ହୁତୁମୃଷି ପେଟ
କାଳିଆ ଚମ
ଆନ୍ତୁଲୁ କହିଲା ଅମୁକ ଆଣ,
ପାନ୍ତୁଲୁ କହିଲା ସମୁକ ଆଣ,
ଲୋକେ ହସାହସି ଆଣିବେ କ'ଣ ॥୨॥

ଆନ୍ତୁଲୁ ପାନ୍ତୁଲୁ
ଦୁଇ ମନ୍ତ୍ରିରୀ
ପିଲା ପାଟିକଲେ
ପତାକା ଧରି
ଆନ୍ତୁଲୁ ମଉସା ଆମର ନେତା ,
ପାନ୍ତୁଲୁ ମଉସା ଆମର ନେତା ,
ଆନ୍ତୁଲୁ ପାନ୍ତୁଲୁ ଟେକିଲେ ଛତା ॥୩॥

ଆନ୍ତୁଲୁ ପାନ୍ତୁଲୁ
ଦିଇଟା ଚୋର
ଚୋରି କରିଗଲେ,
ପାଖ ସହର
ଆନ୍ତୁଲୁ କହିଲା ଏଇଟା ମୋର,
ପାନ୍ତୁଲୁ କହିଲା ସେଇଟା ମୋର ,
ପାଟି ଶୁଣି ଲୋକେ ଦେଲେ ପାହାର ॥୪॥

Digitized by srujanika@gmail.com

Digitized by srujanika@gmail.com

ମୂଷା, ବିଲେଇ ଓ କୁକୁର

ଗାତରୁ ବାହାରି ଟୁଉକୁ ମୂଷି,
ଏକଡ଼େ ସେକଡ଼େ ଯାଉଚି ପଶି ।
କୁଟୁକୁଟୁ କାଟି ବହି ପତର,
ଅଣ୍ଡାଳି ବୁଲୁଚି ଘର ଦୁଆର ।
ଲସର ପସର ପୁଷି ବିଲେଇ
ଛାତରେ ବୁଲୁଚି ବଡ଼ ଗେଲେଇ ।

ଖିରାରେ ଅଳସ ଭାଙ୍ଗୁଚି ଦେହ,
ଫୁଲେଇ ପଣରେ ସରିଚି କହ ।
ଦାଣ୍ଡ ଦୁଆରରେ କୁକୁର ଠିଆ
ଘରେ ତା'ର ଡାକ ନାଁ ଭାଲୁଆ ।
ଦେଖିଦବ ଯଦି ଅଚିହ୍ନା ଲୋକ,
ଘାଉ ଘାଉ ରଡ଼ି ଛାଡ଼ିବ ଡାକ ।

ଟୁକୁନା ଦେଖିଲା ବହିକୁ ତା'ର,
ଚୁଟିଆ କରିଚି କି ନାରଖାର ।
ଡାକିଲା ପୁଷି ଲୋ ଆସିଲୁ ଧାଇଁ,
ପୁଷି ପଳାଇଲା ମୁହଁ ବୁଲେଇ ।
ଭାଲୁଆ ଭୁକିଲା ରହ ଯାଉଚି,
ଏଇଲେ ପରା ମୋ ଖିଆ ଲାଗିଚି ।

Digitized by srujanika@gmail.com

Digitized by srujanika@gmail.com

ପପଲ ପପଲ ପୁଁ

ପପଲ ପପଲ ପପଲ ପୁଁ
ବାଟରେ ମଟର ଢୁଁ,
ପାଣିରେ ଷ୍ଟିମର ଭୁଁ,
ଶଗଡ଼ଗାଡ଼ି ଥାଇ କହୁଚି,
କଟର କଟର କୁଁ ॥୧॥

ପପଲ ପପଲ ପପଲ ପୁଁ,
କୁନିଝିଅ କାନ୍ଦେ ଝୁଁ,
ବ୍ୟୋମଯାନ ଉଡ଼େ ଫୁଁ,
ବଣି ଚଢ଼େଇ ଥାଇ କହୁଚି,
ଟାଉଁ ଟାଉଁ ଟାଉଁ ଟୁଁ ॥୨॥

ପପଲ ପପଲ ପପଲ ପୁଁ,
ନଈରେ ଟେଙ୍କେଇ ଟୁଁ,
ଗଛରେ ବାଦୁଡ଼ି ଟୁଁ,
ଗୁଣ୍ଡୁଚି ମୂଷା ଥାଇ କହୁଚି
ଚେଁ ଚେଁ ଚେଁ ଚୁଁ ॥୩॥

ପପଲ ପପଲ ପପଲ ପୁଁ,
ମଶାରୀରେ ମଶା ଜୁଁ,
ବୁଢ଼ା ବାଘ କାଶେ ଖୁଁ,
ପ୍ରଜାପତିଟି ଥାଇ କହୁଚି
ଛିକି ଛିକି ଛିକି ଛୁଁ ॥୪॥

ପପଲ ପପଲ ପପଲ ପୁଁ,
ଖୁରୁମା ଖଜାଟି ଠୁଁ,
ମଣ୍ଡାପିଠା ଦିଶେ ଗୁଁ,
ଅନ୍ଧାର ବୁଢ଼ୀ ଥାଇ କହୁଚି
ହାଉଁ ହାଉଁ ଖାଉଁ ମୁଁ ॥୫॥

Digitized by srujanika@gmail.com

Digitized by srujanika@gmail.com

ରଙ୍ଗ ବେରଙ୍ଗ

ସାଗୁଆ ସାଗୁଆ ଗଛ ପତର
ନେଳିଆ ଆକାଶେ ଝିରାର ଫେର
ଧଳା ଚିକ୍‌ଚିକ୍ ବାଦଲ ମାଳା,
ଫଗୁ ମୁହାଁ ପାତିମାଙ୍କଡ଼ ପିଲା,

ନଈ ଗଣ୍ଡ ପାଣି କଳା ଘୁମର,
ବାଇଗେଣା ରଙ୍ଗ କୃଷ୍ଣ ତମାଳ
ଘନନୀଳ ଦେହେ ଦରିଆ ହସେ,
କମଳା ଲେମ୍ବୁଟି ନାରଙ୍ଗୀ ଦିଶେ

ଲାଲ ଟହଟହ ବଧୁଲୀ ଫୁଲ,
କେଶର ରଙ୍ଗରେ ଜଳେ ମଶାଲ
ଆହା ! କି ହଳଦି ସୋରିଷ ଫୁଲ,
ଗୋଲାପୀ ଗୋଲାପ ରଙ୍ଗ ଅସଲ

ପାଉଁଶିଆ ଦିଶେ ପାଣିକଖାରୁ,
ନାଲି କୃଷ୍ଣଚୂଡ଼ା ପତର ସରୁ
ପଦୁଅଁ ଫୁଲର ଦେହ ପାଟଳ
କି ଦିଶେ ଲୋହିତ ପୋହଳା ମାଳ

ଗେରୁ ରଙ୍ଗେ ଲିପା ମାଟିର ଘର,
ନେପାଳୀ ମୃଷାର ପିଠି ଖଇର
''ବାଘ ନିଶ ହଲାନା'' ଆରେ କହି,
ସାତ ରଙ୍ଗେ ଇନ୍ଦ୍ରଧନୁ ହସଇ ।

Digitized by srujanika@gmail.com

Digitized by srujanika@gmail.com

ତୁକୁଡୁ ତୁଡୁ

ତୁକୁଡୁ ତୁଡୁ,
ଠେକୁଆ କହୁଚି
ଭାଲୁ ପିଉସା ହେ
ତମ ଜର ଟିକେ ଛାଡୁ ॥୧॥

ତୁକୁଡୁ ତୁଡୁ,
ଝିଙ୍କାରୀ କହୁଚି
ମୂଷି ମାଉସୀ ଲୋ
ଥିରିଥିରି ମାଟି ତାଡୁ ॥୨॥

ତୁକୁଡୁ ତୁଡୁ,
ବାଦୁଡ଼ି କହୁଚି
ପେଚା ପୁତୁରାରେ
ବେଳ ଆଉ କିଛି ଗଡୁ ॥୩॥

ତୁକୁଡୁ ତୁଡୁ,
ଟୋସ କହୁଚି
ବିଲୁଆ ନନା ହୋ
ଏତେ କିଆଁ ରଡ଼ି ଛାଡୁ ॥୪॥

ତୁକୁଡୁ ତୁଡୁ,
କରାଣ୍ଡି କହୁଚି
ବଗୁଲୀ ନାନୀ ଗୋ
ଖରା ଆଉ ଟିକେ ପଡୁ ॥୫॥

Digitized by srujanika@gmail.com

Digitized by srujanika@gmail.com

ଦଶଟି ମାଙ୍କଡ଼ ଦଶ ଲାଙ୍ଗୁଡ଼

ଏକ ପଇସାରେ ମିଳେନା କିଛି,
ଦୁଇ ପଇସାରେ ଖଡ଼ି କିଣିଛି ।
ହାତରେ ଧରିଛି ତିନୋଟି ଖଡ଼ି,
ମାଆଙ୍କୁ ମାଗୁଛି ଭଖୁରା ମୁଢ଼ି ।

ମିଠେଇ ଗୋଟିକ ଚାରିପଇସା,
କେଉଟ ବୁଢ଼ାର ମାଛ ବେଉସା ।
ବୁଢ଼ା ଧରିଥିଲା ପାଞ୍ଚଟି ମାନ,
କେହି ବଡ଼ କେହି ନୁହଁଇ ସାନ ।

ଛଅ ଫୁଲଗଛେ ଛଅଟି ଫୁଲ,
କୁନିପୁଅ କାନ୍ଦେ ହେବାକୁ ଗେଲ ।
ସାତ ଦରିଆରେ ସାତ ବୋଇତ,
ଦିନ ଦିପହରେ ଭାଲୁକୁ ଶୀତ ।

ଆଠଜଣ ଲୋକ ହାଜର ହେଲେ,
ନଅ ନଅ ଥର ତାଳି ମାରିଲେ ।
ଦଶଟି ମାଙ୍କଡ଼ ଦଶ ଲାଙ୍ଗୁଡ଼,
ଗୋଟିଏ 'ହୁଁ'ରେ ଡେଇଁଲେ ବାଡ଼ ।

Digitized by srujanika@gmail.com

Digitized by srujanika@gmail.com

ଟକଡ଼ ଟଡ଼

ଟକଡ଼ ଟଡ଼
ପାଚିଲା ଆମ୍ବକୁ ଗୋଟେ ଖାପଡ଼ ,
ଚାପଡ଼ ଚାପଡ଼ ଚାପଡ଼ ଚାଲି,
ଗୋଟେ ଦେଖୁଆରେ ଝଡ଼ିବ କୋଳି ॥୧॥

ଟଣକ ଟଣ,
ଆଣିଲା ଆମ୍ବକୁ ମରିଚ ଲୁଣ,
ଚାକୁଲି ଚାକୁଲି ଚାକୁଲି ଚଥ,
ଧାନୁଆଁ ଭଙ୍ଗାକୁ କଷ୍ଟି କରଥ ॥୨॥

ସପଡ଼ ସାଉଁ,
ଛାଟିଏ ପାଣିରେ ହଳୁଚି କଉଁ,
ସୁଲୁଲୁ ସୁଲୁଲୁ ସୁଲୁଲୁ ସାଲ,
ସୁଆଁଳ ପୁଞ୍ଜିକ କରିବ ରାଳ ॥୩॥

ଟକଳ ଟଳ,
ମାଟିର ହାଣ୍ଡିକୁ ମାଛ ଆଣିଲ,
ଫୁଲୁରୁ ଫୁଲୁଲୁ ଫୁଲୁଲୁ ଫାଲ,
ଅଙ୍କା ଆଣ୍ଡ ବସି ମାରନ୍ତି ହାଲ ॥୪॥

Digitized by srujanika@gmail.com

ଏଇ ଲେଖକଙ୍କ ଦ୍ୱାରା ଲିଖିତ ଅନ୍ୟାନ୍ୟ ଶିଶୁ ପୁସ୍ତକ

୧. କୁନା ପାଇଁ ଅନାବନା ଗୀତ (ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ) (ଶିଶୁ ଗୀତ)
୨. ଫଗୁଆ ଭିତରେ ଫଗୁଆ (ଶିଶୁଗଳ୍ପ)
୩. ଆଇଲା ଆଇଲା ଘିଡ଼ିରି ଘାଡୁ (ଶିଶୁ ଗୀତ)
୪. ପକ୍ଷୀ ଜଗତ (ପକ୍ଷୀ ଜୀବନ କାହାଣୀ)
୫. ଟପ୍‌ଟାପ୍ ଟପ୍ ପାଣି (ଶିଶୁ ଗୀତ)— ଯନ୍ତ୍ରସ୍ଥ
୬. ଇଡିରି ମିଡିରି (ଶିଶୁ ଗୀତ)— ଯନ୍ତ୍ରସ୍ଥ
୭. କୁନିପାଇଁ କେତେଜାତି ଗୀତ (ଶିଶୁ ଗୀତ)—ଯନ୍ତ୍ରସ୍ଥ
୮. ଚଢ଼ୁରା ଆଉ ଚଢ଼ୁରୀ (ଶିଶୁ ଉପନ୍ୟାସ)— ପ୍ରସ୍ତୁତି ପଥେ

Digitized by srujanika@gmail.com